ISSN -2583-147X (P), **Vol.- 10, Issue No.I, April 2024**
**Bastabatara Pariprakash Prachee**
***Peer Reviewed and Referred Research Journal***

# କୃଷିଭିତ୍ତିକ ଗଣପର୍ବ ନୂଆଁଖାଇ

**ସାଇପ୍ରସାଦ ସାହୁ**

ନୂଆଁଖାଇ ହେଉଛି କୃଷି ଓ କୃଷକର ପର୍ବ । ସେଥିପାଇଁ ଏହାକୁ କୃଷିଭିତ୍ତିକ ପର୍ବ ବୋଲି କୁହାଯାଏ । ଇତିହାସ ପୃଷ୍ଠାକୁ ଓଲଟାଇ ଦେଖିଲେ ତତ୍କାଳୀନ କୋଶଳ ରାଜ୍ୟ ବା ବର୍ତ୍ତମାନର ପଶ୍ଚିମ ଓଡ଼ିଶାରେ ଏକ ସ୍ୱାତନ୍ତ୍ର୍ୟ ରହିଛି । ଏହି ଅଞ୍ଚଳରେ ବସବାସ କରୁଥିବା ଲୋକେ ପ୍ରକୃତି ପୂଜା ଓ ଭାଇଚାରାକୁ ବଜାୟ ରଖିବା ପାଇଁ ନୂଆଁଖାଇ ପର୍ବକୁ ପାଳନ କରିଥାନ୍ତି । କାହିଁ କେଉଁ ଆବହମାନ କାଳରୁ ମନୁଷ୍ୟ ଓ ପ୍ରକୃତିର ସମ୍ପର୍କ ରହିଆସିଛି । ପ୍ରକୃତିକୁ ଛାଡ଼ି ମନୁଷ୍ୟ ରହିପାରିବ ନାହିଁ । ଏହାରି କୋଳରେ ଆରମ୍ଭରୁ ନିଜର ଜୀବନ ଜୀବିକା ପ୍ରତିପୋଷଣ କରିଆସିଛି । ମନୁଷ୍ୟର ମସ୍ତିଷ୍କ ବିକଶିତ ହେବା ସାଙ୍ଗକୁ ତା'ର ବ୍ୟବହାର ମଧ୍ୟ ପରିବର୍ତ୍ତନ ହୋଇଛି ଏବଂ ଆପେ ଆପେ ପ୍ରକୃତିକୁ ମା' ରୂପରେ ପୂଜା କରି ଆସୁଛି । ଯାହା ବିଭିନ୍ନ ପର୍ବପର୍ବାଣୀରେ ପ୍ରତିଫଳନ ହେଉଛି । ତନ୍ମଧ୍ୟରୁ ପଶ୍ଚିମ ଓଡ଼ିଶାରେ ପାଳନ କରାଯାଉଥିବା 'ନୂଆଁଖାଇ' ପର୍ବ ଅନ୍ୟତମ । ଏହି ମହାନ ପର୍ବ 'ଗଣପର୍ବ' ରୂପେ ଆଖ୍ୟାୟିତ । ଏହା ପଶ୍ଚିମ ଓଡ଼ିଶାର କଳା, ସଂସ୍କୃତି, ଭାଷା, ପରମ୍ପରା, ଚାଲି-ଚଳଣ ଏବଂ ସର୍ବୋପରି ଭାବାବେଗ ସହିତ ଓତଃପ୍ରୋତ ଭାବେ ଜଡ଼ିତ । ନୂଆଁଖାଇ ଯେ, କେବଳ ପାରମ୍ପରିକ ପର୍ବ ନୁହେଁ ବରଂ ଏହି ପର୍ବ ଭ୍ରାତୃତ୍ୱ ଭାବ ଓ ଏକତାର ପର୍ବ, ସୌହାର୍ଦ୍ଦ୍ୟ ମହାମିଳନର ପର୍ବ କାରଣ ଯିଏ ଯେଉଁଠି ଯେତେ ଦୂରରେ ଥାଆନ୍ତୁ ନା କାହିଁକି ଅନ୍ତତଃ ବର୍ଷକୁ ଥରେ ଏହି ନିର୍ଦ୍ଦିଷ୍ଟ ପର୍ବ ସମୟରେ ସମସ୍ତେ ଏକତ୍ରିତ ହୋଇଥାନ୍ତି । ଯାହା ଲୋକମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ସହିତ ଆତ୍ମୀୟଭାବ ବଢ଼ିଥାଏ । ଧାନ ହେଉଛି ଏହି ଅଞ୍ଚଳର ପ୍ରମୁଖ ଖାଦ୍ୟ ଶସ୍ୟ । ପ୍ରତିବର୍ଷ ଜୁନ ମାସ ବେଳକୁ ମୌସୁମୀର ଆଗମନ ହୋଇଥାଏ । ଧରଣୀ ମା ଦେହରେ ଜମିକୁ ଚାଷୀ ପିଲା ଚଷି ଫସଲ ଲଗାଇଥାଏ । ପ୍ରଥମ ଧାନ ଫସଲ ଠିକ ଭାଦ୍ରବ ମାସ ଶେଷ ବେଳକୁ ଅମଳ ହୋଇଥାଏ । ପଶ୍ଚିମ ଓଡ଼ିଶାର ଆଁଟ ଓ ମାଳ ଅଞ୍ଚଳରେ ପ୍ରଥମ କରି ଫସଲ ହୋଇଥାଏ । ମନୁଷ୍ୟର ଧର୍ମ ହେଲା ଯେଉଁଠୁ ଖାଦ୍ୟ ପାଇଥାଏ, ତାହାକୁ ପ୍ରଥମେ ନିଜ ଇଷ୍ଟଦେବୀଙ୍କୁ ସମର୍ପଣ କରାଯାଇଥାଏ । ପଶ୍ଚିମ ଓଡ଼ିଶାର ବିଭିନ୍ନ ଗଡ଼ଜାତ ଅଞ୍ଚଳରେ ବିଭିନ୍ନ ଇଷ୍ଟଦେବୀ ରହିଛନ୍ତି । ସମ୍ବଲପୁରରେ ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀ, ବଲାଙ୍ଗୀରରେ ପାଟଣେଶ୍ୱରୀ, ସୋନପୁରରେ ସୁରେଶ୍ୱରୀ ଓ କଳାହାଣ୍ଡିରେ ମା' ମାଣିକେଶ୍ୱରୀଙ୍କ ପୀଠରେ ଏହି ନବାନ୍ନ ଭୋଗ ପ୍ରସ୍ତୁତି ପାଇଁ ରାଶି ନକ୍ଷତ୍ର ଦେଖାଯାଇ ଲଗ୍ନ ଧାର୍ଯ୍ୟ ହୋଇଥାଏ । ପ୍ରତି ଅଧିଷ୍ଠାତ୍ରୀ ଦେବୀଙ୍କ ନିକଟରେ ଏକ ନିର୍ଦ୍ଦିଷ୍ଟ ସମୟରେ ନବାନ୍ନ ଭୋଗ ଲଗାଯିବା ପାଇଁ ପଣ୍ଡିତମାନଙ୍କ ଦ୍ୱାରା ଲଗ୍ନ ନିର୍ଦ୍ଧାରଣ କରାଯାଏ । ଏହାକୁ ନୂଆଁଖାଇର ଲଗ୍ନଧାର୍ଯ୍ୟ ନୀତି କୁହାଯାଏ । ଭାଦ୍ରବ ମାସ ଶୁକ୍ଲପକ୍ଷ ପଞ୍ଚମୀ ତିଥିରେ ନୂଆଁଖାଇ ପର୍ବ ପଶ୍ଚିମ ଓଡ଼ିଶାର ପଲ୍ଲୀଠୁ ଆରମ୍ଭ କରି ସହର ପର୍ଯ୍ୟନ୍ତ ସବୁଠି ଉତ୍ସବ ମୁଖର ହୋଇଉଠେ । ଚଳିତ ବର୍ଷ ସେପ୍ଟେମ୍ବର ମାସ ୮ ତାରିଖରେ ଏହି ତିଥି ପଡୁଛି । ନୂଆଁଖାଇ ଏକ

କୃଷିଭିତ୍ତିକ ଏବଂ ଅନନ୍ୟ ପର୍ବ ହୋଇଥିବା ବେଳେ ପଶ୍ଚିମାଞ୍ଚଳର ସମସ୍ତ ପୁରପଲ୍ଲୀ ଏଥିପାଇଁ ଖୁବ୍ ଉତ୍ସାହ ଓ ଉଦ୍ଦୀପନା ଦେଖା ଦେଇଥାଏ । ନବାନ୍ନ ପାଳନର ପୂର୍ବ ପ୍ରସ୍ତୁତି ପ୍ରାୟ ସପ୍ତାହେ ପୂର୍ବରୁ ଆରମ୍ଭ ହୋଇଥାଏ । ଗାଁ ଗହଳିରେ ଘରଦ୍ୱାର ଲିପାପୋଛା କରି ସଫାସୁତୁରା କରାଯାଇଥାଏ । ନୂଆଁଖାଇ ପୂର୍ବରୁ ଯିଏ ଯେଉଁଠି ବାହାରେ ଚାକିରି କରୁଥିଲେ ହେଁ ସେମାନେ ଗାଁକୁ ଦୁଇଚାରି ଦିନ ପାଇଁ ନିଶ୍ଚୟ ଆସିଥାନ୍ତି । ନୂଆଁଖାଇ ପର୍ବରେ ନୂତନ ଶସ୍ୟ ଏବଂ ଏହି ଋତୁରେ ଉତ୍ପାଦିତ ସମସ୍ତ ପନିପରିବାକୁ ନବାନ୍ନ ରୂପେ ଲଗାଯାଏ । ନୂଆଁଖାଇ ଦିନ ପ୍ରାତଃ କାଳରୁ ଘରର ବୋହୂମାନେ ସ୍ନାନାଦି ନିତ୍ୟକର୍ମ ସମାପନ କରି ଘରେ ନୂତନ ଶସ୍ୟରେ ଅନ୍ନ, କ୍ଷୀର, କାକରା, ଆରିସା ଆଦି ସ୍ୱାଦିଷ୍ଟ ପିଠାପଣା ଓ ବିଭିନ୍ନ ବ୍ୟଞ୍ଜନ ପ୍ରସ୍ତୁତ କରିଥାନ୍ତି । ଗାଁର ଇଷ୍ଟଦେବୀଙ୍କ ପାଖରେ ଝାଙ୍କର ବା ପୂଜାରୀ ଲଗ୍ନ ଅନୁଯାୟୀ ନୂଆଁକୁଣ୍ଡା ଲଗାଇ ସମସ୍ତଙ୍କ ଘରକୁ ବଣ୍ଟନ କରାଯାଏ । ଏହାପରେ ପରିବାରର ସମସ୍ତ ସଦସ୍ୟ ପ୍ରଭାତ ସମୟରୁ ସ୍ନାନ କରି ନୂତନ ବସ୍ତ୍ର ପରିଧାନ ସାଙ୍ଗକୁ ଘରର ମୁଖିଆ ଇଷ୍ଟଦେବୀଙ୍କ ନିକଟରେ ନବାନ୍ନ ସମର୍ପଣ କରନ୍ତି । ନୂଆ ଅରୁଆ ଚାଉଳ, ଧୂପ, ଦୀପ ସମର୍ପଣ ପୂର୍ବକ ଅଧିକ ଅମଳ ପାଇଁ କୃଷିକ୍ଷେତ୍ରକୁ ଯାଇ ପୃଥିବୀମାତାଙ୍କୁ ଉପାସନା ଓ ପୂଜାର୍ଚ୍ଚନା କରିଥାନ୍ତି । ପରେ ଘରେ ସମସ୍ତେ ଏକତ୍ରିତ ଭାବରେ ବସିଥାନ୍ତି ଓ ଘରର ମୁଖିଆ ଗୋଟି ଗୋଟି କରି ନୂଆଁକୁଣ୍ଡା ବାଣ୍ଟିଥାନ୍ତି । ନୂଆଁକୁଣ୍ଡା ନୂଆଁ ଧାନକୁ କୁଟି ସେଥିରେ ନଡ଼ିଆ, ରାଶି ଓ ଗୁଡ଼ ମିଶାଇ ପ୍ରସ୍ତୁତ କରାଯାଇଥାଏ । ନୂଆଁକୁଣ୍ଡା ବହୁ ଅଞ୍ଚଳରେ କୁରେପତ୍ରର ଦନାରେ ରଖି ପୂଜା କରାଯାଏ । ଭିନ୍ନ ଭିନ୍ନ ସମ୍ପ୍ରଦାୟରେ କୁରେଇ, ମହୁଲ, ଶାଳ ଆଦି ପତ୍ରରେ ନବାନ୍ନ ଅର୍ପଣ କରାଯିବାର ବିଧିବ୍ୟବସ୍ଥା ରହିଛି । ନୂଆ ଚାଉଳରୁ ପ୍ରସ୍ତୁତ ଖିରୀ, ପିଠା ଏବଂ ବିଭିନ୍ନ ପନିପରିବାରେ ପ୍ରସ୍ତୁତ ବ୍ୟଞ୍ଜନ, ବନଜାତ ବାଉଁଶ କରଡ଼ିରେ ତିଆରି ଆମ୍ବୁଲ ଖଟା ଆଦି ଅନେକ ଖାଦ୍ୟର ସମ୍ଭାରକୁ ଶାଳପତ୍ରରେ ତିଆରି ଖଲି ଓ ଦନାରେ ପରଷା ଯାଇଥାଏ । ନୂଆଁଖାଇର ଗୁରୁତ୍ୱ ଅତୀତ ଠାରୁ ଆରମ୍ଭ କରି ଭବିଷ୍ୟତ ଯାଏ ଲମ୍ବିଯାଇଛି । ଏହି ପର୍ବ ଯେତେ ପ୍ରାଚୀନ, ତା'ର ଲକ୍ଷ୍ୟ, ଉଦ୍ଦେଶ୍ୟ ମଧ୍ୟ ସେଭଳି ନିତ୍ୟ ନୂତନ ଓ ଚିର ସବୁଜ । ସମ୍ବଲପୁରୀ ଭାଷାରେ କଥାଟିଏ ଅଛି- 'ଜିଁ ଜାଗିଥିଲେ ବଛ୍‌ରେ' ଅର୍ଥାତ୍- ଏହି ବର୍ଷ ଆସ ନୂଆଁ ଖାଇବା, ଜୀବନ ଥିଲେ ପୁଣି ଆଗାମୀ ବର୍ଷ ଈଶ୍ୱରଙ୍କ ଆଶୀର୍ବାଦରୁ ଏକାଠି ହେବା । ପର୍ବର ଦ୍ୱିତୀୟ ପର୍ଯ୍ୟାୟରେ 'ଜୁହାର୍ ଭେଟ୍ ଘାଟ୍' ପ୍ରଥାରେ ପରିବାର ତଥା ଗ୍ରାମର କନିଷ୍ଠମାନେ ଜ୍ୟେଷ୍ଠ ସଦସ୍ୟମାନଙ୍କୁ ପାଦଧରି ମୁଣ୍ଡିଆ ମାରିବା ଏବଂ ଜ୍ୟେଷ୍ଠମାନେ କନିଷ୍ଠମାନଙ୍କୁ ଆଶୀର୍ବାଦ ପୂର୍ବକ ମଙ୍ଗଳ କାମନା କରିବା ପରମ୍ପରା ଏଯାବତ ରହିଛି । ସମସ୍ତ ପ୍ରକାର ତିକ୍ତତାକୁ ଭୁଲି ଭାଇଚାରା ବନ୍ଧନରେ ବାନ୍ଧି ହେବା ଏହି ପର୍ବର ଏକ ଅନନ୍ୟ ପରମ୍ପରା । କେବଳ ଯେ ପାରିବାରିକ କ୍ଷେତ୍ରରେ ଏହା ସଂହତି ଓ ସମ୍ପର୍କ ସ୍ଥାପନା କରେ ତାହା ନୁହେଁ; ସାମାଜିକ କ୍ଷେତ୍ରରେ ମଧ୍ୟ ଏହାର ଢେର୍ ଉପାଦେୟତା ରହିଛି । କୃଷିଭିତ୍ତିକ, ଧର୍ମଭିତ୍ତିକ ଓ ପ୍ରାଚୀନ ପରମ୍ପରାର ବାର୍ତ୍ତାବାହକ ନୂଆଁଖାଇ ଆମକୁ ତ୍ୟାଗ, ନିଷ୍ଠା, ସେବା, ଭକ୍ତି ଓ ଈଶ୍ୱର ବିଶ୍ୱାସ ସମ୍ବନ୍ଧରେ ଆମକୁ ଶିକ୍ଷା ଦେଇଥାଏ ।


ସିନ୍ଧେକେଲା, ବଲାଙ୍ଗୀର

ଦୂରଭାଷ : ୯୯୩୭୦୩୪୭୪୨